# NATIONAL NEWS BULLETIN (ODIA)
## 12 August - 2025
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ସଂସଦର ଉଭୟ ସଦନ ଆସନ୍ତା ସୋମବାର ପର୍ଯ୍ୟନ୍ତ ମୁଲତବୀ

– ସଂସଦରେ ଅନୁମୋଦନ ଲାଭ କଲା ଜାତୀୟ କ୍ରୀଡ଼ା ଶାସନ ବିଲ୍ ଓ ଜାତୀୟ ଡୋପିଂ ନିରୋଧୀ ସଂଶୋଧନ ବିଲ୍

- ଭାରତ' ବୈଜ୍ଞାନିକ ଉତ୍ସୁକତା ଏବଂ ଯୁବମାନସକୁ ସଶକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ; କହିଲେ ପ୍ରଧାନମନ୍ତ୍ରୀ
- ଓଡ଼ିଶା, ପଞ୍ଜାବ ଏବଂ ଆନ୍ଧ୍ରପ୍ରଦେଶରେ ଚାରୋଟି ନୂତନ ସେମି କଣ୍ଡକ୍ଟର ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ
- ବେଆଇନ ବେଟିଂ ଆପ୍ ପାରିମ୍ୟାଚ୍ ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଇଡି ପକ୍ଷରୁ ବିଭିନ୍ନ ସ୍ଥାନରେ ତଲାସୀ ଜାରି

ଏବଂ

- ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ

# ପାର୍ଲାମେଣ୍ଟ ଆଡଜର୍ଣ୍ଣ

ସଂସଦର ଉଭୟ ସଦନ ଆସନ୍ତା ସୋମବାର ପର୍ଯ୍ୟନ୍ତ ମୁଲତବୀ। ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ତଥା ଅନ୍ୟାନ୍ୟ ପ୍ରସଙ୍ଗ ନେଇ ଉଭୟ ସଦନ ବାରମ୍ବାର ମୁଲତବୀ ରହିଥିଲା। ଲୋକସଭା ତିନିଥର ଓ ରାଜ୍ୟସଭା ଦୁଇଥର ମୁଲତବୀ ଘୋଷଣା ହୋଇଥିଲା।

ପରବର୍ତ୍ତୀ ଅଧିବେଶନ ଆସନ୍ତା ସୋମବାର ଦିନ ଅନୁଷ୍ଠିତ ହେବ।

# ପାର୍ଲାମେଣ୍ଟ- ଆଡଜର୍ଣ୍ଣ

ଜାତୀୟ କ୍ରୀଡ଼ା ଶାସନ ବିଲ୍-୨୦୨୫ ଏବଂ ଜାତୀୟ ଡୋପିଂ ନିରୋଧୀ ସଂଶୋଧନ ବିଲ୍-୨୦୨୫ ଆଜି ସଂସଦର ଅନୁମୋଦନ ଲାଭ କରିଛି। ପୂର୍ବରୁ ଏହା ଲୋକସଭାରେ ପାରିତ ହୋଇଥିବାବେଳେ ଆଜି ରାଜ୍ୟସଭାରେ ଅନୁମୋଦନ ଲାଭ କରିଛି। ଏହି ବିଲ୍ କେନ୍ଦ୍ର ସରକାରଙ୍କୁ ଏକ ଜାତୀୟ କ୍ରୀଡ଼ା ବୋର୍ଡ ପ୍ରତିଷ୍ଠା କରିବାକୁ କ୍ଷମତା ପ୍ରଦାନ କରୁଛି। ଯାହା ଜାତୀୟ କ୍ରୀଡ଼ା ସଂସ୍ଥାଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିବା ସହ ସେମାନଙ୍କର ସହଯୋଗୀ ୟୁନିଟ୍ ପଞ୍ଜୀକୃତ କରିବ। କ୍ରୀଡ଼ା ସମ୍ବନ୍ଧୀୟ ବିବାଦଗୁଡ଼ିକର ବିଚାର ପାଇଁ ଏହି ବିଲ୍‌ରେ ଏକ ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲ ଗଠନର ବ୍ୟବସ୍ଥା ମଧ୍ୟ ରହିଛି। ଜାତୀୟ ଡୋପିଂ ନିରୋଧୀ ସଂଶୋଧନ ବିଲ୍-୨୦୨୫ ପୂର୍ବର ଜାତୀୟ ଡୋପିଂ ନିରୋଧୀ-୨୦୨୨କୁ

ସଂଶୋଧନ କରିବାକୁ ଚାହୁଁଛି । ଡୋପିଂ ନିରୋଧୀ ନିୟମ କାର୍ଯ୍ୟକାରୀ କରିବା ପାଇଁ ଜାତୀୟ ଡୋପିଂ ନିରୋଧୀ ଏଜେନ୍ସି– ନାଡା ପ୍ରତିଷ୍ଠା ହେବା ସହ ନାଡାର କାର୍ଯ୍ୟକଳାପ ତଦାରଖ କରିବା ଏବଂ କେନ୍ଦ୍ର ସରକାରଙ୍କୁ ଡୋପିଂ ନିରୋଧୀ ନିୟମ ଉପରେ ପରାମର୍ଶ ଦେବା ପାଇଁ ଜାତୀୟ ଡୋପିଂ ନିରୋଧୀ କ୍ରୀଡ଼ା ବୋର୍ଡ ପ୍ରତିଷ୍ଠା ପାଇଁ ଏହି ବିଲ୍‌ରେ ବ୍ୟବସ୍ଥା ରହିଛି । ଏହି ବିଲ୍ ଜାତୀୟ ଡୋପିଂ ନିରୋଧୀ କ୍ରାଡ଼ା ବୋର୍ଡକୁ ଶୃଙ୍ଖଳା ପ୍ୟାନେଲ ଏବଂ ଅପିଲ୍ ପ୍ୟାନେଲରୁ ସେମାନଙ୍କ କାର୍ଯ୍ୟ ସମ୍ପର୍କରେ ଯେକୌଣସି ସୂଚନା ପାଇବାକୁ କ୍ଷମତା ପ୍ରଦାନ କରିବାର ବ୍ୟବସ୍ଥା ରହିଛି । ସରକାର କ୍ରୀଡ଼ା ସଂଘର ନିର୍ବାଚନରେ ସ୍ୱଚ୍ଛତା ଆଣିବା ପାଇଁ ଏହି ବିଲ୍ ଆଣିଛନ୍ତି ବୋଲି ଆଲୋଚନାର ଉତ୍ତର ଦେଇ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବୀୟ କହିଛନ୍ତି ।

## କ୍ୟାବିନେଟ ବ୍ରିଫିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ଆଜି ଓଡ଼ିଶା, ପଞ୍ଜାବ ଏବଂ ଆନ୍ଧ୍ରପ୍ରଦେଶରେ  ୪ ହଜାର ୫୯୪ କୋଟି ଟଙ୍କା ବ୍ୟୟବରାଦରେ ଚାରୋଟି ନୂତନ ସେମିକଣ୍ଡକ୍ଟର ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି,  ସରକାର ସେମିକଣ୍ଡକ୍ଟର ଏବଂ ଇଲେକଟ୍ରୋନିକ୍ସ କ୍ଷେତ୍ର ପାଇଁ ଏକ ଦୃଢ଼ ଇକୋସିଷ୍ଟମ

ନିର୍ମାଣ କରୁଛନ୍ତି। ସେ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ୬ ଗୁଣ ଅଭିବୃଦ୍ଧି ହେବା ସହ ରପ୍ତାନୀ ୮ ଗୁଣ ବୃଦ୍ଧି ପାଇଛି। ମୋବାଇଲ୍ ଉତ୍ପାଦନ ୟୁନିଟ ସଂଖ୍ୟା ୩୦୦ରୁ ଅଧିକରେ ପହଁଞ୍ଚିଛି। ମୋବାଇଲ୍ ଫୋନ୍ ରପ୍ତାନୀ ୧୨୭ ଗୁଣା ବୃଦ୍ଧି ପାଇବା ସହ ୨ ଲକ୍ଷ କୋଟିରେ ପହଁଞ୍ଚିଛି ବୋଲି ମନ୍ତ୍ରୀ କହିଛନ୍ତି। ଆସନ୍ତା ମାସ ୨ ତାରିଖରୁ ନୂଆଦିଲ୍ଲୀରେ ସେମିକନ୍ ଇଣ୍ଡିଆ ୨୦୨୫ ଆୟୋଜିତ ହେବାକୁ ଥିବାବେଳେ ଏଥିରେ ମାଲେସିଆ, ଜାପାନ, ସିଙ୍ଗାପୁର ଏବଂ ଦକ୍ଷିଣ କୋରିଆ ଅଂଶୀଦାର ଭାବେ ଅଂଶଗ୍ରହଣ କରିବେ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି।

**V/O- ASHWINI-ON-SEMICONDUCTOR**

ଏତଦ୍‌ବ୍ୟତୀତ କେନ୍ଦ୍ର କ୍ୟାବିନେଟ୍ ୫ ହଜାର ୮୦୧ କୋଟି ଟଙ୍କା ବ୍ୟୟବରାଦରେ ଲକ୍ଷ୍ନୌ ମେଟ୍ରୋ ଫେଜ୍ ୱାନ୍-ବି'କୁ ମଧ୍ୟ ଅନୁମୋଦନ କରିଛନ୍ତି। ଚାରବାଗରୁ ବସନ୍ତକୁଞ୍ଜ ମଧ୍ୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପରେ ୧୨ଟି ଷ୍ଟେସନ୍ ରହିବ ଏବଂ ଏହା ପାଞ୍ଚ ବର୍ଷ ମଧ୍ୟରେ ଶେଷ ହେବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

ଅରୁଣାଚଳ ପ୍ରଦେଶର ସିଓମି ଜିଲ୍ଲାରେ ୭୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଟାଟୋ-ଟୁ' ଜଳବିଦ୍ୟୁତ ପ୍ରକଳ୍ପ ପାଇଁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛନ୍ତି। ୬ ବର୍ଷ ମଧ୍ୟରେ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରହିଥିବା

ଏହି ପ୍ରକଳ୍ପ ସେହି ଅଞ୍ଚଳରେ ବିଦ୍ୟୁତର ସ୍ଥିର ଉତ୍ସ ପ୍ରଦାନ କରିବା ସହ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହିତ କରିବ ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ଭାରତର ଜୀବାଶ୍ମ ଇନ୍ଧନ କ୍ଷମତା ୫୦ ପ୍ରତିଶତରୁ ଅଧିକରେ ପହଁଞ୍ଚିଛି, ଯାହା ଏକ ଅନନ୍ୟ ସଫଳତା।

## ଏଲ୍ଏସ୍ ମାଇନ୍ସ ଆଣ୍ଡ ମିନେରାଲସ୍

ଲୋକସଭାରେ ଆଜି ଖଣି ଏବଂ ଖଣିଜ ବିକାଶ ଓ ନିୟନ୍ତ୍ରଣ ସଂଶୋଧନ ବିଲ୍-୨୦୨୫ ଆଗତ ହୋଇଛି। ଏହି ବିଲ୍ ଖଣି ଏବଂ ଖଣିଜ ବିକାଶ ଓ ନିୟନ୍ତ୍ରଣ ଆଇନ- ୧୯୫୭କୁ ସଂଶୋଧନ କରିବ। ଲିଜ୍ଧାରକମାନେ ସେମାନଙ୍କ ଲିଜ୍‌ରେ ଅନ୍ୟାନ୍ୟ ଖଣିଜ ପଦାର୍ଥ ଯୋଡ଼ିବା ପାଇଁ ରାଜ୍ୟ ସରକାରଙ୍କୁ ଆବେଦନ କରିପାରିବେ ବୋଲି ଏହି ବିଲ୍‌ରେ ବ୍ୟବସ୍ଥା ରହିଛି। ଏଥିପାଇଁ କୌଣସି ଅତିରିକ୍ତ ପରିମାଣ ଦେବାକୁ ପଡ଼ିବ ନାହିଁ। ଏଥିରେ ଲିଥିୟମ, ଗ୍ରାଫାଇଟ୍, ନିକେଲ, କୋବାଲ୍ଟ, ସୁନା ଏବଂ ରୁପା ଭଳି ଖଣିଜ ପଦାର୍ଥ ଅନ୍ତର୍ଭୁକ୍ତ ରହିଛି। ଏହି ବିଲ୍ ଖଣି ଏବଂ ଖଣିଜ ପଦାର୍ଥ ବିକାଶ ପାଇଁ ମଧ୍ୟ ପାଣ୍ଠି ଯୋଗାଣ କ୍ଷେତ୍ରରେ ଜାତୀୟ ଖଣିଜ ଅନୁସନ୍ଧାନ ଟ୍ରଷ୍ଟର ପରିସରକୁ ଆହୁରି ବ୍ୟାପକ କରିବ। ଏତଦ୍‌ବ୍ୟତୀତ ଖଣିଜ ପଦାର୍ଥ ବିନିମୟ ପଞ୍ଜୀକରଣ ଏବଂ ନିୟନ୍ତ୍ରଣ କରିବା ପାଇଁ ଏକ କର୍ତ୍ତୃପକ୍ଷ ପ୍ରତିଷ୍ଠା ପାଇଁ ବିଲ୍‌ରେ ଆଦି ବ୍ୟବସ୍ଥା ରହିଛି। ବିଲ୍ ଆଗତ କରି କୋଇଲା ଏବଂ ଖଣି ମନ୍ତ୍ରୀ ଜି.କିଶନ ରେଡ୍ଡୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଖଣି ଆବଣ୍ଟନ ପାଇଁ ଏକ ସ୍ୱଚ୍ଛ ବ୍ୟବସ୍ଥା

ଗ୍ରହଣ କରାଯାଇଛି। ପୂର୍ବ ୟୁପିଏ ସରକାର ଉପରେ ଅଭିଯୋଗ ଆଣି ମନ୍ତ୍ରୀ କହିଛନ୍ତି, ପୂର୍ବରୁ ଖଣିଗୁଡ଼ିକର ନିଲାମ ସଠିକ ଢଙ୍ଗରେ କରାଯାଉ ନଥିଲା, ଫଳରେ ଦୁର୍ନୀତି ହେଉଥିଲା। ଆଲୋଚନାରେ ଅଂଶଗ୍ରହଣ କରି ବିଜେପିର ମାଳବିକା ଦେବୀ ବିଲକୁ ସ୍ୱଚ୍ଛତାର ଏକ ଆଲୋକବର୍ତ୍ତିକା ବୋଲି କହିଛନ୍ତି। ଟି.ଡି.ପି'ର ଜି.ଲକ୍ଷ୍ମୀନାରାୟଣ ମଧ୍ୟ ବିଲ୍‌କୁ ସମର୍ଥନ କରି କହିଛନ୍ତି, ଏହି ଖଣି କ୍ଷେତ୍ରରେ ସ୍ୱଚ୍ଛତା ଆଣିବ।

## ଏଲ୍‌ଏସ୍- ପୋର୍ଟସ ବିଲ୍

ଲୋକସଭାରେ ଆଜି ଭାରତୀୟ ବନ୍ଦର ବିଲ୍-୨୦୨୫ ଅନୁମୋଦିତ ହୋଇଛି। ଏହି ବିଲ୍ ବନ୍ଦର ସମ୍ପର୍କିତ ଆଇନକୁ ଏକୀକୃତ କରିବା, ସମନ୍ୱିତ ବନ୍ଦର ବିକାଶକୁ ପ୍ରୋତ୍ସାହିତ କରିବା ସହ ବ୍ୟବସାୟକୁ ସହଜ କରିବ। ପ୍ରମୁଖ ବନ୍ଦର ବ୍ୟତୀତ ଅନ୍ୟ ବନ୍ଦରଗୁଡ଼ିକର ସୁପରିଚାଳନା ପାଇଁ ରାଜ୍ୟ ସାମୁଦ୍ରିକ ବୋର୍ଡ ପ୍ରତିଷ୍ଠା, ବନ୍ଦର କ୍ଷେତ୍ରର ସଂରଚିତ ଅଭିବୃଦ୍ଧି ପାଇଁ ସାମୁଦ୍ରିକ ରାଜ୍ୟ ବିକାଶ ପରିଷଦ ପ୍ରତିଷ୍ଠା ପାଇଁ ଏହି ବିଲ୍‌ରେ ବ୍ୟବସ୍ଥା ରହିଛି। ବିଲ୍ ଉପରେ ଆଲୋଚନାର ଉତ୍ତର ଦେଇ କେନ୍ଦ୍ରମନ୍ତ୍ରୀ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି, ଏହି ପଦକ୍ଷେପ ଏକବିଂଶ ଶତାବ୍ଦୀ ପାଇଁ ଭାରତର ସାମୁଦ୍ରିକ କ୍ଷେତ୍ରକୁ ପୁନଃସ୍ଥାପିତ କରିବା ପାଇଁ ଏକ ରଣନୈତିକ ହସ୍ତକ୍ଷେପ। ୧୯୦୮ର ଭାରତୀୟ ବନ୍ଦର ଆଇନକୁ ଏକ ପୁରୁଣା ଆଇନ୍ ବୋଲି କହି ସେଥିରେ ପରିବେଶଗତ ସୁରକ୍ଷା ଏବଂ ଦକ୍ଷ ବିବାଦ ସମାଧାନ ପାଇଁ ବ୍ୟବସ୍ଥା ନ

ଥିଲା ବୋଲି ସେ କହିଥିଲେ। ସେ କହିଛନ୍ତି, ଭାରତୀୟ ବନ୍ଦର ବିଲ୍-୨୦୨୫ ମୁଖ୍ୟତଃ ରାଜ୍ୟ ଏବଂ କେନ୍ଦ୍ର ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ସହ ବନ୍ଦରଗୁଡ଼ିକର ରଣନୈତିକ ବିକାଶକୁ ପ୍ରୋତ୍ସାହିତ କରି ଦେଶର ଉପକୂଳର ସର୍ବୋତ୍ତମ ବ୍ୟବହାର ଉପରେ ଧ୍ୟାନ କେନ୍ଦ୍ରିତ କରିଛି।

## ପିଏମ୍-ଆଷ୍ଟ୍ରୋନୋମି ଅଲିମ୍ପିଆଡ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ ବୈଜ୍ଞାନିକ ଉତ୍ସୁକତା ଏବଂ ଯୁବମାନସକୁ ସଶକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଅଟଳ ଟିଙ୍କରିଂ ଲ୍ୟାବରେ ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ୧୦ ନିୟୁତରୁ ଅଧିକ ଛାତ୍ରଛାତ୍ରୀ ନୂତନ ଜ୍ଞାନ ଆହରଣ କରିପାରୁଛନ୍ତି। ଅଷ୍ଟାଦଶ ଆନ୍ତର୍ଜାତୀୟ ଜ୍ୟୋର୍ତିବିଜ୍ଞାନ ଅଲିମ୍ପିଆଡ୍ ଅବସରରେ ୬୪ଟି ଦେଶର ୩୦୦ରୁ ଅଧିକ ମେଧାବୀ ଛାତ୍ରଛାତ୍ରୀଙ୍କ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇ ନିଜର ଆନନ୍ଦ ପ୍ରକାଶ କରି ଶ୍ରୀ ମୋଦୀ କହିଛନ୍ତି, ଭାରତ ସହଯୋଗର ଶକ୍ତିରେ ବିଶ୍ୱାସ କରେ ଏବଂ ଅଲିମ୍ପିଆଡ୍ ଏହାକୁ ପ୍ରତିଫଳିତ କରୁଛି। ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣ କ୍ଷେତ୍ରରେ ଭାରତ ଏକ ଅଗ୍ରଣୀ ଦେଶ ପାଲଟିଛି, ଯାହା ବିଭିନ୍ନ ପଦକ୍ଷେପ ଦ୍ୱାରା ସମର୍ଥିତ ହୋଇଛି। ବିଜ୍ଞାନ, ମହାକାଶ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ପଦକ୍ଷେପକୁ ପ୍ରଶଂସା ଶ୍ରୀ ମୋଦୀ କହିଛନ୍ତି, ଲଦାଖରେ ଭାରତରେ ବିଶ୍ୱର ସର୍ବୋଚ୍ଚ ଜ୍ୟୋର୍ତିବିଜ୍ଞାନ ପର୍ଯ୍ୟବେକ୍ଷଣ ମଧ୍ୟରୁ ଗୋଟିଏ ରହିଛି।

ଏଥିସହ ଶ୍ରୀ ମୋଦୀ ଭାରତରର ଚନ୍ଦ୍ର ଅଭିଯାନ ସମ୍ପର୍କରେ କହିବା ସହ ଆଗକୁ ଦେଶ ଆଦିତ୍ୟ ଏଲ୍-ଓ୍ୱାନ୍ ମିଶନ ଉପରେ ନଜର ରଖିଛି ବୋଲି କହିଛନ୍ତି ।

## ଏଲ୍ଏସ୍- ଓ୍ୱାନ୍ ନେସନ୍ ଓ୍ୱାନ୍ ଇଲେକସନ୍

ଲୋକସଭା ଆଜି 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ବିଲ୍ ଉପରେ ମିଳିତ ସଂସଦୀୟ କମିଟିର ରିପୋର୍ଟ ଉପସ୍ଥାପନ ପାଇଁ ସମୟସୀମା ବୃଦ୍ଧି କରିଛନ୍ତି । ୨୦୨୫ ଶୀତକାଳୀନ ଅଧିବେଶନର ଶେଷ ସପ୍ତାହର ପ୍ରଥମ ଦିନ ସୁଦ୍ଧା କମିଟି ଏହାର ରିପୋର୍ଟ ଦାଖଲ କରିବେ । ସମ୍ବିଧାନର ୧୧୯ ତମ ସଂଶୋଧନ ବିଲ୍-୨୦୨୪ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଇନ୍ ସଂଶୋଧନ ବିଲ୍- ୨୦୨୪ ଉପରେ ମିଳିତ କମିଟିର ରିପୋର୍ଟ ସମ୍ପର୍କରେ ବିଜେପି ସାଂସଦ ପି.ପି.ଚୌଧୁରୀଙ୍କ ପକ୍ଷରୁ ଏହି ପ୍ରସ୍ତାବ ଆଗତ କରାଯାଇଥିଲା ।

## ଜିତେନ୍ଦ୍ର ସିଂହ- ସ୍ୱାମୀତ୍ୱ

ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ସ୍ୱାମୀତ୍ୱ ଯୋଜନାକୁ ନାଗରିକ କୈନ୍ଦ୍ରିକ ଶାସନର ଏକ ବିଶ୍ୱ ମଡେଲ ଭାବରେ ପ୍ରଶଂସା କରିଛନ୍ତି । ନୂଆଦିଲ୍ଲୀରେ ସର୍ଭେ ଅଫ୍ ଇଣ୍ଡିଆର ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଡକ୍ଟର ସିଂହ ଅମୃତ ସ୍ମାର୍ଟ ସିଟି ଏବଂ ନକ୍ସା ଭଳି ପ୍ରମୁଖ ମିଶନ ପାଇଁ ସର୍ଭେ ଅଫ୍ ଇଣ୍ଡିଆର ବୈଷୟିକ ସହାୟତାକୁ ପ୍ରଶଂସା

କରିଛନ୍ତି। ପ୍ରଯୁକ୍ତିବିଦ୍ୟାକୁ ଅପଗ୍ରେଡ୍ କରିବା ପାଇଁ  କୃତ୍ରିମ ବୁଦ୍ଧିମତା–ଏ.ଆଇ. ଏବଂ ମେସିନ ଲର୍ଣ୍ଣିଂର ଭବିଷ୍ୟତ ସମନ୍ୱୟ ସମ୍ପର୍କରେ ମନ୍ତ୍ରୀ ଘୋଷଣା କରିଛନ୍ତି। ବିଶ୍ୱ ପ୍ରଭାବ ଉପରେ ଗୁରୁତ୍ୱାରୋପ କରି ସେ ରୁଷ୍ ଏବଂ ନାଇଜେରିଆ ସହିତ ବୁଝାମଣାପତ୍ର ସମ୍ପର୍କରେ ଉଲ୍ଲେଖ କରିବା ସହ ଆହୁରି ୬ଟି ବୁଝାମଣାପତ୍ର ପାଇଁ ଆଲୋଚନା ଜାରି ରହିଛି ବୋଲି ସେ କହିଛନ୍ତି।

## ଇଡି– ସର୍ଚ୍ଚେସ

ବେଆଇନ ବେଟିଂ ଆପ୍ ପାରିମ୍ୟାଚ୍ ସହ ଜଡ଼ିତ ଏକ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ- ଇଡି' ପକ୍ଷରୁ  ମୁମ୍ବାଇ, ଦିଲ୍ଲୀ ଏନ୍.ସି.ଆର୍, ହାଇଦ୍ରାବାଦ, ଜୟପୁର, ମଦୁରାଇ ଏବଂ ସୁରଟ୍ର ବିଭିନ୍ନ ସ୍ଥାନରେ ତଲାସୀ ଜାରି ରହିଛି। ଇଡି'ର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ଠକେଇର ଶିକାର ହୋଇଥିବା ଉପଭୋକ୍ତାଙ୍କଠାରୁ ୨ ହଜାର କୋଟି ଟଙ୍କାରୁ ଅଧିକ ପରିମାଣର ପାଣ୍ଠି ସଂଗୃହୀତ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ପାଣ୍ଠିଗୁଡ଼ିକୁ କ୍ରିପ୍ଟୋ ୱାଲେଟ୍, ଏଟିଏମ୍ ମାଧ୍ୟମରେ ଉଠାଣ, ୟୁ.ପି.ଆଇ. ଆଦି ବିଭିନ୍ନ ମାଧ୍ୟମରେ ସ୍ଥାନାନ୍ତର କରାଯାଇଥିଲା।

## ଇଣ୍ଡିଆ- ଅଷ୍ଟ୍ରେଲିଆ ଡାଏଲଗ

ନିରସ୍ତ୍ରୀକରଣ, ପରମାଣୁ ଅସ୍ତ୍ରର ପ୍ରସାରକୁ ବନ୍ଦ କରିବା ଏବଂ ରପ୍ତାନୀ ନିୟନ୍ତ୍ରଣ ନେଇ ଭାରତ–ଅଷ୍ଟ୍ରେଲିଆ ସପ୍ତମ ପର୍ଯ୍ୟାୟ ଆଲୋଚନା ଆଜି

ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି। ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଉଭୟ ପକ୍ଷ ପରମାଣୁ, ରାସାୟନିକ, ଜୈବିକ ନିରସ୍ତ୍ରୀକରଣ ଏବଂ ଅପ୍ରସାର ଓ ସାମରିକ କ୍ଷେତ୍ରରେ କୃତ୍ରିମ ଶକ୍ତି ସମେତ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଓ ବହୁ ପାକ୍ଷିକ ରପ୍ତାନୀ ନିୟନ୍ତ୍ରଣ ବ୍ୟବସ୍ଥା କ୍ଷେତ୍ରର ବିକାଶ ଉପରେ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଭାରତ ପକ୍ଷରୁ ବୈଦେଶିକ ମନ୍ତ୍ରଣାଳୟର ଯୁଗ୍ମ ସଚିବ ମୁଆନପୁଇ ସାୟାୱି ଏବଂ ଅଷ୍ଟ୍ରେଲିଆ ପକ୍ଷରୁ ରାଷ୍ଟ୍ରଦୂତ ଭାନେସା ଉଡ୍ ନେତୃତ୍ୱ ନେଇଥିଲେ।

## ଏମ୍‌ଓ ୟୁଥ୍ ଡେ'

ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଆଜି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ମିରାଣ୍ଡା ହାଉସ୍ ସହଯୋଗରେ ଆନ୍ତର୍ଜାତୀୟ ଯୁବ ଦିବସ ପାଳନ କରିଛି। କାର୍ଯ୍ୟକ୍ରମରେ ଯୋଗଦେଇ ଯୁବବ୍ୟାପାର ବିଭାଗ ସଚିବ ପଲ୍ଲବୀ ଜୈନ ଗୋଭିଲ୍ ସରକାରଙ୍କ ଦ୍ୱାରା ନିଆଯାଇଥିବା ପ୍ରମୁଖ ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଥିଲେ।